

# OFSDP
## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ
### ପ୍ରକଳ୍ପ ସୂଚନାପତ୍ର

ଭାଗ – ୩ ସଂସ୍କରଣ – ୨

ଏପ୍ରିଲ-ଜୁନ, ୨୦୦୯

### ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ଅବଧିର ମଧ୍ୟଭାଗରେ ପହଞ୍ଚିଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଏଥିମଧ୍ୟରେ ଆମେ ସଫଳତା ପାଇଛେ, ସମାସ୍ୟାର ସମ୍ମୁଖୀନ ହୋଇଛେ, କେତେକ କ୍ଷେତ୍ରରେ ଆମେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛେ ଓ ତାହାକୁ କିପରି ଦୂରେଇ ହେବ ତାହା ମଧ୍ୟ ଶିଖିଛେ । ଆମର ନିରବଚ୍ଛିନ୍ନ ଉଦ୍ୟମ ଜାରି ରହିଛି ଓ ସମସ୍ତ ଉଦ୍ୟମ ପାଇଁ ଆମେ ସର୍ବୋତ୍ତମ ପଦକ୍ଷେପ ହିଁ ନେଉଛୁ ।

ସମସ୍ତ କାର୍ଯ୍ୟକଳାପ ପୂରା ଦମ୍‌ରେ ଚାଲିଥିଲାବେଳେ ମୁଁ ଆପଣମାନଙ୍କ ସହ ଏହି ସୂଚନା ବାଣ୍ଟିବାକୁ ଚାହେଁ ଯେ ପ୍ରତି ଖଣ୍ଡୀୟ ପରିଚାଳନା ୟୁନିଟ ଅଧୀନରେ ଭିନ୍ନ ଭିନ୍ନ ପ୍ରଜାତିର ବୃକ୍ଷରୋପଣ ଜାରି ରହିଛି ଏବଂ ବିଭିନ୍ନ ବିଭାଗ ସହ ଏକାଭିମୁଖୀକରଣ କାର୍ଯ୍ୟ ଚାଲୁଛି । ପ୍ରକଳ୍ପ ପରିଚାଳନା ୟୁନିଟର ପ୍ରତି ଖଣ୍ଡୀୟ ପରିଚାଳନା ୟୁନିଟ ପାଇଁ ଥିବା ନୋଡାଲ ଅଫିସର ସେମାନଙ୍କ ଖଣ୍ଡୀୟ ପରିଚାଳନା ୟୁନିଟର କାର୍ଯ୍ୟକାରିତାର ଅଗ୍ରଗତି ଉପରେ ନିୟମିତଭାବେ ନଜର ରଖିଛନ୍ତି । ତୃତୀୟ ପକ୍ଷ ଯାଞ୍ଚ ରିପୋର୍ଟର ତର୍ଜମା ମଧ୍ୟ ଜାରି ରହିଛି ।

ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ତାଲିମ ଓ ଅନୁଭବୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଭବିଷ୍ୟତରେ ବ୍ୟବହାର ପାଇଁ ଏହାକୁ ଲିପିବଦ୍ଧ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ସବୁଜିମା ସଂରକ୍ଷଣ ଏବଂ ସମ୍ପ୍ରସାରଣ ତଥା ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ଉଚିତ ଜୀବିକା ନିର୍ବାହ ସୁଯୋଗ ଯୋଗାଇଦେବା ପାଇଁ ଆମର ଯାତ୍ରା ଜାରି ରହିଛି ।

ଅରୁଣ କୁମାର ବଂସଲ

## ଜୈବ ଖତ ପ୍ରସ୍ତୁତିକୁ ପ୍ରୋତ୍ସାହନ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ରସାୟନିକ ସାର ପ୍ରୟୋଗ ବିନା ଜୈବ ଖତ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେଉଛି । କୀଟନାଶକ ଔଷଧ ଓ ରସାୟନିକ ସାର ସହାୟତାରେ ଉତ୍ପାଦିତ ହେଉଥିବା ଧାନ, ଗହମ ଓ ପନିପରିବା ଖାଇବା ଦ୍ୱାରା ସୃଷ୍ଟି ହେଉଥିବା ବିପଦ ପ୍ରତି ଏହା ଏକ ଶିକ୍ଷା । ବ୍ରହ୍ମପୁର, ଅନୁଗୁଳ, ରାୟଗଡ଼ା ଓ କେନ୍ଦୁଝର ବନଖଣ୍ଡଠାରେ ୨୦୦୯ ଜୁନ ୮ରୁ ୧୧ ତାରିଖ ଯାଏଁ ମଣ୍ଡଳସ୍ତରୀୟ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏହି ବ୍ୟବସ୍ଥା ଆରମ୍ଭ କରିଛି ।

ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ମୁଖ୍ୟତଃ ସଭ୍ୟ ସଚିବ, କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ(ଏଫଇଓ), ଦଳପତି(ଟିମ୍ ଲିଡର) ଓ କୃଷକ ଯୋଗ ଦେଇଥିଲେ । ମହାରାଷ୍ଟ୍ର (ନାସିକ) ର ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଭି.କେ. ମୋହନ ଏହି ତାଲିମ ପ୍ରଦାନ କରିଥିଲେ । ତଥ୍ୟ ଓ ପ୍ରଣାଳୀକୁ ମିଶାଇ ଏହି ତାଲିମ ପ୍ରଦାନ କରାଯାଇଥିଲା । ବନାଞ୍ଚଳ ଓ ଚାଷ କାର୍ଯ୍ୟରେ ଜୈବିକ ଖତ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଓ ମୃତ୍ତିକା ଉର୍ବରତା ବୃଦ୍ଧି କରିବା ଏହି ତାଲିମର ଉଦ୍ଦେଶ୍ୟ ଥିଲା । ଜୈବଖତ ପ୍ରସ୍ତୁତିକୁ ଏକ ଉଦ୍ୟୋଗଭାବେ ଗ୍ରହଣ କରି ଜୀବିକା ନିର୍ବାହର ପନ୍ଥା ସୃଷ୍ଟି କରିବାନ୍ତ ବିକେନ୍ଦ୍ରୀକୃତ ନର୍ସରୀରେ ଚାରାରୋପଣରେ ଜୈବ ଖତ ବ୍ୟବହାର ଓ ଜମିର ଧାରଣକ୍ଷମ ବିକାଶକୁ ପ୍ରୋତ୍ସାହନ ଦେବା ଏବଂ ଏକ ମଡେଲ କୃଷି-ଜଙ୍ଗଲ ଫାର୍ମ ସୃଷ୍ଟି କରିବା ମଧ୍ୟ ଏହି ତାଲିମର ଅନ୍ୟତମ ଲକ୍ଷ୍ୟ ଥିଲା ।

ପ୍ରଶିକ୍ଷାର୍ଥୀମାନେ ଏହି ନୂତନ ତାଲିମରେ ପ୍ରଭାବିତ ହୋଇ ବିକେନ୍ଦ୍ରୀକୃତ ନର୍ସରୀରେ ଜୈବ ଖତ ବ୍ୟବହାର ଉପରେ ଗୁରୁତ୍ୱ ଦେବା ସହ ଜୈବ ଖତ ପ୍ରସ୍ତୁତିକୁ ବିକଳ୍ପ ଜୀବିକା ନିର୍ବାହ ପନ୍ଥାଭାବେ ପ୍ରୋତ୍ସାହନ ଦେବାକୁ ସହମତ ହୋଇଥିଲେ । ରସାୟନିକ ସାରର ବିନା ବ୍ୟବହାରରେ ଉତ୍ପାଦିତ ଶସ୍ୟ ସ୍ୱାସ୍ଥ୍ୟ ସମାସ୍ୟା ଲାଘବ କରେ ଏବଂ ଏପରି ଶସ୍ୟ ଉତ୍ପାଦନ ପାଇଁ ପ୍ରୋତ୍ସାହନ ଦେବା ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆଶା ରଖିଛି ।



ରାୟଗଡ଼ା ଠାରେ ଜୈବ ଖତ ପ୍ରଶିକ୍ଷଣ କେନ୍ଦ୍ର



ଅନୁଗୋଳ ଠାରେ ଜୈବ ଖତ ପ୍ରଶିକ୍ଷଣ କେନ୍ଦ୍ର

## ଆବଶ୍ୟକତାଭିତ୍ତିକ ଜଳ ଓ ମୃତ୍ତିକା ସଂରକ୍ଷଣ ପଦ୍ଧତି ଉପରେ ତାଲିମ

ଓଡ଼ିଶା ପ୍ରଫେସନାଲ ଡେଭେଲପମେଣ୍ଟ ସର୍ଭିସ କନସଲାଣ୍ଟାନ୍‌ସି ଦ୍ୱାରା ରାୟଗଡାରେ ମୃତ୍ତିକା ଓ ଜଳ ସଂରକ୍ଷଣ ଉପରେ ଏକ ପାଞ୍ଚଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାକୃତିକ ସମ୍ପଦ ପରିଚାଳନା, ମୃତ୍ତିକା କ୍ଷୟ ଓ କ୍ଷୟ ନିୟନ୍ତ୍ରଣ ପାଇଁ ପଦକ୍ଷେପ, ନାଳ ଉପଚାର ଏବଂ ମୃତ୍ତିକା ମାତ୍ରା ଗଣନା ଓ ତାହାର ଉପଚାର ପ୍ରଭୃତି ଏହି ତାଲିମ କାର୍ଯ୍ୟକ୍ରମର ପ୍ରମୁଖ ବିଷୟ ଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ସୀମା ସଂକ୍ରାନ୍ତ ମ୍ୟାପ ପଠନ, ମୃତ୍ତିକା ଉପଚାରର ବିଭିନ୍ନ ମାଧ୍ୟମ ଏବଂ ଉପଯୁକ୍ତ ସମୟରେ ପ୍ରୟୋଗ


ମୃତ୍ତିକା ସଂରକ୍ଷଣ କାର୍ଯ୍ୟ

ସମ୍ପର୍କରେ ଶିବିରାର୍ଥୀମାନଙ୍କୁ ସରଳ ଭାବରେ ବୁଝାଇ ଦିଆଯାଇଥିଲା । ୧୧ଟି ବନଖଣ୍ଡରୁ ରେଞ୍ଜ ଅଫିସର, କ୍ଷେତ୍ର ସମ୍ପ୍ରସାରଣ ଅଧିକାରୀ, ସଭ୍ୟ ସଚିବଙ୍କୁ ନେଇ ମୋଟ ୨୮ଜଣ ଶିବିରାର୍ଥୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ନିରପେକ୍ଷ ତୃତୀୟ ପକ୍ଷ ଯାଞ୍ଚ

ପ୍ରକଳ୍ପ ଅଧୀନରେ ଥିବା ପ୍ରକଳ୍ପ ପରିଚାଳନା ୟୁନିଟ, ଖଣ୍ଡୀୟ ପରିଚାଳନା ୟୁନିଟ, କ୍ଷେତ୍ର ପରିଚାଳନା ୟୁନିଟ ଏବଂ କ୍ଷେତ୍ର ପରିଚାଳନା ୟୁନିଟ ଅଧିନସ୍ଥ ବନ ସଂରକ୍ଷଣ ସମିତିରେ ଥିବା ସମ୍ପତ୍ତିର ନିରପେକ୍ଷ ତୃତୀୟ ପକ୍ଷ ଯାଞ୍ଚ କରାଯାଇଥିଲା । ଏହି ଯାଞ୍ଚକୁ ସୋସାଇଟ୍ ଅଫ ଭିଟାୟାର୍ଡ଼ ଫରେଷ୍ଟ ଅଫିସର୍ସ ଏବଂ ଆଇକନସେପ୍ଟ ନାମକ ଦୁଇଟି ସଂସ୍ଥା କରିଛନ୍ତି । କ୍ଷେତ୍ରସ୍ତରରେ ଏହି ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଏହି ଦୁଇ ସଂସ୍ଥାଠାରୁ ଚିଠା ରିପୋର୍ଟ ହସ୍ତଗତ ହୋଇଛି ଏବଂ ପ୍ରକଳ୍ପ ପରିଚାଳନା ୟୁନିଟରେ ତାହାର ତର୍ଜମା କରାଯାଉଛି ।

ଏଥିମଧ୍ୟରେ ରୋପଣ ହୋଇଥିବା ଚାରାରୁ କେତେ ପ୍ରତିଶତ ବଞ୍ଚିଛି ସେ ନେଇ ପ୍ରାପ୍ତ ତଥ୍ୟକୁ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ୟୁନିଟ ମୁଖ୍ୟଙ୍କ ନିକଟକୁ ପଠାଯାଇଛି । ସେ ସମ୍ପୃକ୍ତ ଅଞ୍ଚଳ ଚିହ୍ନଟ କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଚାରା ସ୍ଥାନରେ ନୂତନ ଚାରା ରୋପଣ କରିବେ ।

## ପୁରୀ ଗ୍ରାମଶ୍ରୀ ମେଳା

### ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାଇଁ ଏକ ନୂତନ ଶିକ୍ଷା

ଜୟପୁର ବନଖଣ୍ଡ ଅନ୍ତର୍ଗତ ଭାଠରଗଡା ବନ ସଂରକ୍ଷଣ ସମିତିର ସନ୍ତୋଷୀ ମା ଓ କାନନ ସ୍ୱୟଂ ସହାୟକ ଗୋଷ୍ଠୀ ପୁରୀ ଗ୍ରାମଶ୍ରୀ ମେଳାରେ ଭାଗ ନେଇ ୪୬୦୨୫ ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି କରିଛନ୍ତି । ଦଶ ଦିନ ମଧ୍ୟରେ ସେମାନେ ଏହି ସାମଗ୍ରୀ ବିକ୍ରି କରି ରହଣୀ ଓ ଖାଦ୍ୟପେୟ ବାବଦ ଖର୍ଚ୍ଚ ଛାଡ଼ି ୭୯୮୬ ଟଙ୍କା ଲାଭ ପାଇଛନ୍ତି । ସନ୍ତୋଷୀ ମା ସ୍ୱୟଂ ସହାୟକ



ଗୋଷ୍ଠୀ ୨୦୦୬ରେ ଓ କାନନ ସ୍ୱୟଂ ସହାୟକ ଗୋଷ୍ଠୀ ୨୦୦୨ରେ ଗଠିତ ହୋଇଥିଲା, ତେବେ ଆଭ୍ୟନ୍ତରୀଣ ଋଣ ବ୍ୟବସ୍ଥା, ଅଣୁ ଉଦ୍ୟୋଗ, ଏବଂ ଆୟକାରୀ ପନ୍ଥା ସମ୍ପର୍କରେ ସେମାନେ ଅବଗତ ନଥିଲେ ।

ବେସରକାରୀ ସଙ୍ଗଠନ 'ଆର୍ଯ୍ୟନ'ର ପ୍ରରୋଚନା ଓ ସ୍ଥାନୀୟ ସମନ୍ୱ ଯୋଗୁଁ କୋରାପୁଟ ଜିଲ୍ଲା ବିକ୍ରି ଓ ବଜାର ସମାଜ(ଡିଏସଏମଏସ) ସହ ମିଳିତ ହୋଇ ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀ ପୁରୀ ଗ୍ରାମଶ୍ରୀ ମେଳାରେ ପହଞ୍ଚିଥିଲେ । ପ୍ରାପ୍ତ ଲାଭାଂଶକୁ ସେମାନେ କୃଷି କ୍ଷେତ୍ରରେ ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଛନ୍ତି । ପୁରୀ ଗ୍ରାମଶ୍ରୀ ମେଳା ସେମାନଙ୍କ ମଧ୍ୟରେ ଏକ ଆତ୍ମବିଶ୍ୱାସ ଆଣିଦେଇଛି । ନିଜର ସ୍ଥାନୀୟ ସାମଗ୍ରୀକୁ କିପରି ଭଲ ମୂଲ୍ୟରେ ବିକ୍ରି କରିବେ ତାହା ସେମାନେ ଶିଖିପାରିଛନ୍ତି ଓ ଓରମାସ ଦ୍ୱାରା ଆୟୋଜିତ ଅନ୍ୟ ଗ୍ରାମଶ୍ରୀ ମେଳାରେ ଭାଗ ନେବାକୁ ସେମାନେ ଆଗ୍ରହୀ ଅଛନ୍ତି ।

## ଦ୍ୱିତୀୟ ସାଧାରଣ ପରିଷଦ ବୈଠକ



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ସାଧାରଣ ପରିଷଦ ବୈଠକ ୨୦୦୯ ଏପ୍ରିଲ ୩୦ରେ ଭୁବନେଶ୍ୱରସ୍ଥିତ ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି । ଜୈବ ବିବିଧତା ସଂରକ୍ଷଣ, ପ୍ରବେଶିକା କାର୍ଯ୍ୟ ଦ୍ୱାରା ନଳକୂପ ଓ କୂପ ମରାମତି ତଥା ନବୀକରଣ କରାଯାଇ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯିବା, ଜୀବିକା ନିର୍ବାହ ସୁଯୋଗ ବିଶ୍ଳେଷଣ ଉପରେ ମାର୍ଟ ଦ୍ୱାରା କରାଯାଇଥିବା ସର୍ଭେ ଏବଂ ବୃକ୍ଷରୋପଣ ଉପରେ ବୈଠକରେ ଆଲୋଚନା ହୋଇଥିଲା । ପ୍ରକଳ୍ପର ୨୦୦୭-୦୮ ବର୍ଷର ଚିଠା ବାର୍ଷିକ ରିପୋର୍ଟ ବିସ୍ତୃତ ଆଲୋଚନା ପରେ ଗୃହୀତ ହୋଇଥିଲା । 'ପ୍ରତିପାଳନ କ୍ଷମତାର ମୂଳ' ଓ 'ଏକୀକୃତ ମୁଖୀକରଣର ଭିତ୍ତି ସ୍ଥାପନ' ଶୀର୍ଷକ ଦୁଇଟି ପୋଷ୍ଟର ବୈଠକରେ ଉନ୍ମୋଚିତ ହୋଇଥିଲା । ଏହି ପୋଷ୍ଟରଗୁଡ଼ିକ ଓଡ଼ିଆରେ ଅନୁବାଦ କରାଯାଇ ପ୍ରକାଶ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ଅଧ୍ୟକ୍ଷ ତଥା ମୁଖ୍ୟ ଶାସନ ସଚିବ ଶ୍ରୀ ଅଜିତ କୁମାର ତ୍ରିପାଠୀ, ଆଇଏଏସ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଶ୍ରୀ ଏସ. ପି. ନନ୍ଦ, ଆଇଏଏସ, କୃଷି ଉତ୍ପାଦନ କମିଶନର ତଥା ପରିଚାଳନା କମିଟିର ଅଧ୍ୟକ୍ଷ ବୈଠକରେ ଉପସ୍ଥିତ ଥିଲେ । ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଓ ପରିଚାଳନା କମିଟିର ସମସ୍ତ ସଭ୍ୟ ବୈଠକରେ ଉପସ୍ଥିତ ଥିଲେ । ସଭ୍ୟ ସଚିବ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅରୁଣ କୁମାର ବଂସଲ, ଆଇଏଫଏସ ତଥା ପ୍ରକଳ୍ପ ପରିଚାଳନା ୟୁନିଟର ଅନ୍ୟ ଅଧିକାରୀ ଏବଂ ସମସ୍ତ ଖଣ୍ଡୀୟ ପରିଚାଳନା ୟୁନିଟର ମୁଖ୍ୟମାନେ ବୈଠକରେ ଉପସ୍ଥିତ ଥିଲେ ।



# ବିକାଶ ପଥରେ କୈଳାସପୁର

ରାୟଗଡା ଜିଲ୍ଲାର ପାହାଡ ଉପରେ ଥିବା କୈଳାସପୁର ଏକ ଛୋଟ ଗ୍ରାମ ଓ ସେଠାରେ ୧୨୧ଟି ପରିବାର ରହନ୍ତି । ଏହା ଏକ ଗ୍ରାମପଞ୍ଚାୟତ ମହକୁମା ଏବଂ କୋଲନରା ବ୍ଲକଠାରୁ ୧୫ କି.ମି ଦୂରରେ ଅବସ୍ଥିତ । ଗ୍ରାମରେ ମୁଖ୍ୟତଃ 'କନ୍ଧ' ଆଦିବାସୀ ରହନ୍ତି ଓ ସେମାନେ ବନଜାତ ଦ୍ରବ୍ୟ, ପଶୁପାଳନ ଓ ପୋଡୁ ଚାଷ ଉପରେ ନିର୍ଭର କରନ୍ତି ।



କୈଳାସପୁରରେ ପିଲାମାନେ ଭିଏସ୍ଏସ୍ ସଭାଗୃହରେ ପାଠ ପଢୁଛନ୍ତି ।

୨୦୦୬-୦୭ରେ ରାୟଗଡା ଜିଲ୍ଲାରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଆରମ୍ଭ ହେଲା । ପ୍ରଥମ ଦଫାରେ ରାୟଗଡା କ୍ଷେତ୍ର ପରିଚାଳନା ୟୁନିଟ ଅଧୀନରେ ସୁସ୍ଥ ବନ ପରିଚାଳନା ଅଞ୍ଚଳଭାବେ କୈଳାସପୁର ମନୋନୀତ ହେଲା । ପ୍ରକଳ୍ପ ଅଧୀନରେ ବନ ସଂରକ୍ଷଣ ସମିତି ସଭାଗୃହ ନିର୍ମାଣ କରାଗଲା । ଗ୍ରାମବାସୀ ଏହି ସଭାଗୃହକୁ ଏକ ଶିକ୍ଷା କେନ୍ଦ୍ରଭାବେ ବ୍ୟବହାର କରିବାକୁ ନିଷ୍ପତ୍ତି ନେଲେ । ଅଗଷ୍ଟ ୨୦୦୮ରେ ଗ୍ରାମର ଜଣେ ସ୍ୱେଚ୍ଛାସେବୀଙ୍କ ସହାୟତାରେ ଶିଶୁ ଓ ମହିଳାଙ୍କ ପାଇଁ ଏକ ସାକ୍ଷରତା ଅଭିଯାନ ଆରମ୍ଭ କରିବାକୁ ବନ ସଂରକ୍ଷଣ ସମିତି ନିଷ୍ପତ୍ତି ନେଲା । ଗ୍ରାମର ଶିଶୁମାନେ ପାଞ୍ଚଟା ପରେ ଏବଂ ଶନିବାର ଓ ରବିବାର ସକାଳ ୧୦ଟା ପରେ ସେଠାକୁ ଆସନ୍ତି । ତେବେ ମହିଳାମାନଙ୍କ ପାଇଁ ଶିକ୍ଷାଗ୍ରହଣ ବ୍ୟବସ୍ଥାକୁ ଜୋରଦାର କରାଯାଉଛି । ସେମାନଙ୍କ ମଧ୍ୟରେ ଅଧିକାଂଶ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ ଅଛନ୍ତି । ଶିକ୍ଷା ଦାନ ବ୍ୟବସ୍ଥା ବ୍ୟତୀତ ଏହି ସଭାଗୃହରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭା, ପଲ୍ଲୀ ସଭା, ଗ୍ରାମ ସଭା ଓ ଅନ୍ୟ ଉତ୍ସବ ଅନୁଷ୍ଠିତ ହୁଏ । ଏହାବ୍ୟତୀତ ଏହି ସଭାଗୃହକୁ ଏକ ସୂଚନା କେନ୍ଦ୍ରଭାବେ ବ୍ୟବହାର କରାଯାଉଛି ।



ଭିଏସ୍ଏସ୍ ସଭାଗୃହରେ ନାଗକେଶ୍ୱର ଏସ୍ଏଚଜିର ବୈଠକ ।

# ପ୍ରବେଶିକା କାର୍ଯ୍ୟର ପ୍ରଭାବ

## ସ୍ୱୟଂ ସହାୟକ ଗୋଷ୍ଠୀ ସଶକ୍ତିକରଣ


ରାୟଗଡା ଖଣ୍ଡୀୟ ପରିଚାଳନା ୟୁନିଟ ଅନ୍ତର୍ଗତ ଗୁଣପୁର କ୍ଷେତ୍ର ପରିଚାଳନା ୟୁନିଟ ଅଧୀନରେ କରଡା ଏକ ଆଦିବାସୀବହୁଳ ଗ୍ରାମ । ପାରମ୍ପରିକ ରୀତିରେ ପୋଡୁ ଚାଷ କରି ଗ୍ରାମବାସୀ ଚଳନ୍ତି । ୨୦୦୬-୦୭ ବର୍ଷରେ ଏହି ଗ୍ରାମକୁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ସାମିଲ କରାଗଲା । ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରବେଶିକା କାର୍ଯ୍ୟ ମାଧ୍ୟମରେ ଗ୍ରାମରେ ଏକ ନଳକୂପ ଖନନ କରାଗଲା । ଗ୍ରାମରେ ଏକ ବନ ସଂରକ୍ଷଣ ସମିତି ସଭାଗୃହ ନିର୍ମାଣ କରାଗଲା । ବନ ସଂରକ୍ଷଣ ସମିତିର ପ୍ରୋତ୍ସାହନରେ ସମାଜ କଲ୍ୟାଣ ମହିଳା ସଞ୍ଚୟ ସମିତି ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଗଲା । ସ୍ୱୟଂ ସହାୟକ ଗୋଷ୍ଠୀ ଅଣକାଷ୍ଠ ବନଜାତ ଦ୍ରବ୍ୟକୁ ନେଇ ବ୍ୟବସାୟ ଆରମ୍ଭ କଲା । ତେନ୍ତୁଳି କିଣିବାକୁ ବନ ସଂରକ୍ଷଣ ସମିତି ୨୦,୦୦୦ ଟଙ୍କା ଋଣ ପ୍ରଦାନ କଲା । ଦଲାଲମାନଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି କରାଯାଇଥିଲେ ମଧ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସାୟ ଜାରି ରଖିଲା ଓ ୭୦୦୦ ଟଙ୍କା ଲାଭ କଲା । ଏହି ମହିଳାମାନେ ଏବେ ଆତ୍ମବିଶ୍ୱାସୀ ହୋଇପଡିଛନ୍ତି ।

## ଦୂରତ୍ୱ ଅତିକ୍ରମ କରିବା ଦୂରେଇ ଦିଆଗଲା

ରାୟଗଡା ଜିଲ୍ଲା ଅନ୍ତର୍ଗତ ଗୁଣପୁର କ୍ଷେତ୍ର ପରିଚାଳନା ୟୁନିଟ ତଥା ରାମନାଗୁଡା ବ୍ଲକ୍ ଅଧୀନରେ ଥିବା ସିକାକାଡି ବନ ସଂରକ୍ଷଣ ସମିତି ପ୍ରାୟ ୧୦୦ ଆଦିବାସୀ ପରିବାରକୁ ନେଇ ଗଠିତ । ଏହି ପରିବାରଗୁଡିକ ଧାନ ଚାଷ ଉପରେ ନିର୍ଭର କରନ୍ତି । ତେବେ ଧାନ କୁଟିବା ପାଇଁ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ । କାରଣ ସେଥିପାଇଁ ସେମାନଙ୍କୁ ଗାଁଠାରୁ ୧୮ କି.ମି. ଦୂର ରାମନାଗୁଡା ଯିବାକୁ ପଡୁଥିଲା । ପ୍ରବେଶିକା କାର୍ଯ୍ୟ ମାଧ୍ୟମରେ ସେଠାରେ ଏକ ଧାନ କଳ ଦିଆଗଲା ଏବଂ ଏହାକୁ ବନ ସଂରକ୍ଷଣ ସମିତି ରକ୍ଷଣାବେକ୍ଷଣ କରୁଛି । ଏହାର ଜାଳେଣୀ(ତେଲ) ଖର୍ଚ୍ଚ ପ୍ରାଥମିକଭାବେ ବନ ସଂରକ୍ଷଣ ସମିତିକୁ ବହନ କରିବାକୁ ପଡିଲା, କିନ୍ତୁ ଧୀରେ ଧୀରେ ତାହା ଆତ୍ମନିର୍ଭରଶୀଳ ହୋଇପଡିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ୪୫୦୦ ଟଙ୍କା ଲାଭ ମିଳିଲା, ଯାହାକି ବନ ସଂରକ୍ଷଣ ସମିତିର ଗ୍ରାମ୍ୟ ଜଙ୍ଗଲ ଉନ୍ନୟନ ପାଣ୍ଠିର ଜମା ଖାତାରେ ଜମା କରାଯାଉଛି ।



## ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସାୟ ବଢାଉଛି



ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ଓ କ୍ଷେତ୍ର ପରିଚାଳନା ୟୁନିଟ ଅନ୍ତର୍ଗତ ବନ୍ଧକରଞ୍ଜ ବନ ସଂରକ୍ଷଣ ସମିତି ଅଧୀନରେ ଥିବା ଅଶ୍ୱରାଣୀ ସ୍ୱୟଂ ସହାୟକ ଗୋଷ୍ଠୀ ତେନ୍ତୁଳି ବ୍ୟବସାୟ ଆରମ୍ଭ କରି ୧୧୭୪ ଟଙ୍କା ଲାଭ କରିଥିଲେ । ଏଥିଯୋଗୁଁ ଉତ୍ସାହିତ ହୋଇ ସେମାନେ ବିରି ସଂଗ୍ରହ କରି ବିକ୍ରି କଲେ ଓ ସେଥିରୁ ମଧ୍ୟ ୧୬୪୨ ଟଙ୍କା ଲାଭ ପାଇଥିଲେ ।

ସେମାନଙ୍କର ବନ ସଂରକ୍ଷଣ ସମିତି ସଭାଗୃହ ଟୀକାକରଣ, ରାଜସ୍ୱ ସଂଗ୍ରହ, ଅଣଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥା ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭା କାର୍ଯ୍ୟରେ ବ୍ୟବହୃତ ହେଉଥିବାବେଳେ ବିଭିନ୍ନ ପ୍ରକାର ଫର୍ମ ଯଥା ବୟସ୍କଙ୍କ ପାଇଁ ପେନସନ୍ ଫର୍ମ, ଜମି ମାପ ଫର୍ମ, ଏସସି/ଏସଟି ପ୍ରମାଣପତ୍ର ପାଇଁ ଫର୍ମ ଆଦି ଏଠାରେ ପ୍ରଦାନ କରଯାଉଛି ।

## ଜଳ ସମସ୍ୟାର ସମାଧାନ



ରାୟଗଡା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ କାଶୀପୁର କ୍ଷେତ୍ର ପରିଚାଳନା ୟୁନିଟର କଦମଗୋରା ବନ ସଂରକ୍ଷଣ ସମିତିରେ ପ୍ରଥମ ଦଫାରେ ପ୍ରବେଶିକା କାର୍ଯ୍ୟ ମାଧ୍ୟମରେ ମାଧ୍ୟାକର୍ଷଣ ଶକ୍ତି ପରିଚାଳିତ ଏକ ଜଳଯୋଗାଣ ଟାଙ୍କି ନିର୍ମାଣ କରାଗଲା । ଗ୍ରାମବାସୀ ପାନୀୟ ଜଳର ଏହି ସୁବିଧା ପାଇ ଅତି ଖୁସି ଅଛନ୍ତି । ଏହି ଟାଙ୍କିରୁ ପାଣି ବାଡିରେ ଚାଷ ହେଉଥିବା ପନିପରିବା ପାଇଁ ମଧ୍ୟ ବ୍ୟବହାର କରାଯାଉଛି । ଏହି ଋତୁରେ ଶ୍ରୀ କୋରକା ମାଝି ଓ ଅନ୍ୟ ପାଞ୍ଚ ଜଣ ଟମାଟୋ, ଆଳୁ, ବାଇଗଣ, ଲଙ୍କା, ମାଣ୍ଡିଆ, ବିନ୍ ଓ ଧୂଆଁପତ୍ର ଚାଷ କରିଥିଲେ । ଏହାଦ୍ୱାରା ସେମାନଙ୍କ ରୋଜଗାର ବୃଦ୍ଧି ପାଇଥିବାରୁ ଅନ୍ୟ ଗ୍ରାମବାସୀମାନେ ମଧ୍ୟ ବାଡିରେ ଚାଷ କରିବାକୁ ଉତ୍ସାହିତ ହୋଇଛନ୍ତି ।

**ଅଶୋକ କୁମାର ପଣ୍ଡା**, ଏଫଏଲଇ, ରାୟଗଡାଙ୍କ ଦ୍ୱାରା ସଂକଳିତ

# ଲାଇଫଲାଇନ ସହ ଏକାଭିମୁଖୀକରଣ




ବାଇଦା ଗ୍ରାମର ଗୀତାଞ୍ଜଳି ଅର୍ଲପଙ୍କର ଗ୍ରହଣଖଣ୍ଡିଆ ଅସ୍ତ୍ରୋପଚାର ପୂର୍ବ ଓ ପରବର୍ତ୍ତୀ ଅବସ୍ଥା ଫଟୋ

ଅତି ଗରିବଙ୍କ ସେବା କରିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ କରିବାରେ ଓ ଯନ୍ତ୍ରଣା ଭୋଗୁଥିବା ମଣିଷଙ୍କ ସେବା କରିବାରେ ଓଏଫଏସଡିପିକୁ 'ଲାଇଫଲାଇନ ଏକ୍ସପ୍ରେସ' ସହାୟତା କରିଥିଲା । ଏହି ଏକ୍ସପ୍ରେସ କୋରାପୁଟରେ ୨୦୦୯ ମାର୍ଚ୍ଚ ୧୨ ତାରିଖରେ ପହଞ୍ଚିଥିଲା ଏବଂ ଏକ ମାସ ଧରି ରହିଥିଲା । ଏଥିରେ ଗ୍ରହଣ ଖଣ୍ଡିଆ, ପୋଲିଓ, ମୋତିଆବିନ୍ଦୁ ଏବଂ କାନ ଅସ୍ତ୍ରୋପଚାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଓଡ଼ିଶା ମେଡିକାଲ କଲେଜର ଡାକ୍ତରଙ୍କ ସମେତ ଅନ୍ୟରାଜ୍ୟର ଡାକ୍ତରମାନେ ରୋଗୀଙ୍କୁ ଦେଖିଥିଲେ । ଏଥିରେ ସମସ୍ତ ଉପକରଣ ତଥା ଉନ୍ନତ ଯନ୍ତ୍ରପାତିବିଶିଷ୍ଟ ଅସ୍ତ୍ରୋପଚାର କକ୍ଷ, ଚେକ୍ ଅପ୍ କକ୍ଷ, ବୈଠକ କକ୍ଷ, ଶ୍ରେଣୀ ଗୃହ ପ୍ରଭୃତି ଥିଲା । ଅସ୍ତ୍ରୋପଚାର ପରେ ପରବର୍ତ୍ତୀ ଦେଖାରଖା ପାଇଁ ରୋଗୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଏଥିପାଇଁ ସେଠାରେ ଆଠୋଟି ଶଯ୍ୟା ସଂରକ୍ଷିତ ରଖାଯାଇଥିଲା । ଏହି ସେବା ରାଜୀବ ଗାନ୍ଧୀ ଫାଉଣ୍ଡେସନ ପକ୍ଷରୁ (କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ) କରାଯାଇଥିବାବେଳେ ଇମାକ୍ସ ଇଣ୍ଡିଆ ଏବଂ ମୈତ୍ରୀ ନାମକ ବେସରକାରୀ ସଙ୍ଗଠନ ସହାୟତା କରିଥିଲେ ।

ଓଏଫଏସଡିପିର ବାଇଦା କ୍ଷେତ୍ର ପରିଚାଳନା ୟୁନିଟ ପାଇଁ ଥିବା ସହଯୋଗୀ ବେସରକାରୀ ସଙ୍ଗଠନ ହେଲ୍ପ ଏଥିରେ ଉତ୍ସାହିତ ହୋଇ ସ୍ଥାନୀୟ ବେସରକାରୀ ସଙ୍ଗଠନଭାବେ କାର୍ଯ୍ୟ କରିଥିଲା । ନିକଟସ୍ଥ ଗ୍ରାମଗୁଡ଼ିକରେ ଉପରୋକ୍ତ ରୋଗ ଚିହ୍ନଟ କରି ରୋଗୀ ଏବଂ ସେମାନଙ୍କ ପରିବାରକୁ ଏହି ସେବାର ସୁଯୋଗ ନେବାକୁ ପ୍ରବର୍ତ୍ତାଇବା ହେଲ୍ପର କାମ ଥିଲା । ଦ୍ୱିତୀୟତଃ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସୁଥିବା ରୋଗୀମାନଙ୍କ ପଞ୍ଜିକରଣଠାରୁ ଆରମ୍ଭ କରି ଅସ୍ତ୍ରୋପଚାର(ଆବଶ୍ୟକସ୍ଥଳେ) ଘରେ ପହଞ୍ଚିବା ପର୍ଯ୍ୟନ୍ତ ପଥ ପ୍ରଦର୍ଶନ କରିବା ମଧ୍ୟ ହେଲ୍ପର କାମ ଥିଲା । ଏହି ବ୍ୟବସ୍ଥା ଓଏଫଏସଡିପି ଗ୍ରାମ ଭିନ୍ନ ଅନ୍ୟ ଗ୍ରାମର ଛଅ ଜଣ ରୋଗୀ ଉପକୃତ ହୋଇଛନ୍ତି । ସହଦେବ ଖରା, ମସିଆ ଖିଲ, ଗୀତାଞ୍ଜଳି ଅର୍ଲପ, ଫୁଲସରି ପାଙ୍ଗି, କମଳଲୋଚନ ଶିଶମଙ୍କର ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର କରାଯାଇଥିବାବେଳେ ସୁନ୍ଦରରାଇ ଖିଲଙ୍କର ଆଖି ଅସ୍ତ୍ରୋପଚାର କରାଯାଇଥିଲା ।

**ଅତିଶ କୁମାର ବେହେରା,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, କୋରାପୁଟ




## ଏକାଭିମୁଖୀକରଣ ଦ୍ୱାରା ଜୀବିକା ନିର୍ବାହ ପ୍ରକ୍ରିୟାରେ ଉନ୍ନତିକରଣ ଆଡକୁ କୋରାପୁଟ ଖଣ୍ଡୀୟ ପରିଚାଳନା କେନ୍ଦ୍ରର ପ୍ରଥମ ପଦକ୍ଷେପ

'ଏକାଭିମୁଖୀକରଣ ଦ୍ୱାରା ଜୀବିକା ନିର୍ବାହ ପ୍ରକ୍ରିୟାରେ ଉନ୍ନତିକରଣ' ଶୀର୍ଷକ ଏକ ଦିନିକିଆ କର୍ମଶାଳା ବାଇଦା କ୍ଷେତ୍ର ପରିଚାଳନା ୟୁନିଟ କାର୍ଯ୍ୟାଳୟରେ ୨୦୦୯ ଏପ୍ରିଲ ୨୧ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ଜିଲ୍ଲା ଜଳ ଓ ପରିମଳ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସହଯୋଗୀ ବେସରକାରୀ ସଙ୍ଗଠନର ରାଜ୍ୟ, ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀଙ୍କ ସମେତ ଏଡବ୍ଲ୍ୟୁଡବ୍ଲ୍ୟୁ, ଆଶା, ଏସଇଏମ ଏବଂ ଗ୍ରାମ୍ୟ ବନ ସହାୟକ (ଆନିମେଟର) ପ୍ରମୁଖର ପ୍ରାୟ ୧୦୦ ଜଣ କର୍ମକର୍ତ୍ତା କର୍ମଶାଳାରେ ଯୋଗଦେଇଥିଲେ । ପ୍ରକଳ୍ପ ନିର୍ଦ୍ଦେଶକଙ୍କର ଗତ ସର୍କଲ ଗସ୍ତବେଳେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନର ଅଫିସର ତଥା ବନଖଣ୍ଡ ଅଧିକାରୀମାନଙ୍କ ସହ ପ୍ରାଥମିକ ଆଲୋଚନା କରିବା ପରେ ଏହା ତାର ପରବର୍ତ୍ତୀ ବୈଠକଭାବେ ଆୟୋଜନ କରାଯାଇଥିଲା ।

ଆଗଧାଡ଼ିର ଏହି କର୍ମୀମାନେ ନିଜ ନିଜ ଗ୍ରାମର ସାମାଜିକ ନକ୍ସା ଉପସ୍ଥାପନ କରିବା ପରେ କର୍ମଶାଳାରେ ବିକାଶ ପାଇଁ ଏକ ମିଳିତ ଧାରା ପ୍ରସ୍ତୁତ କରାଯାଇଥିଲା । ଏକ ଓଡ଼ିଆ ଲିଫଲେଟ (ମୁଦ୍ରିତ କାଗଜ)ରେ ବିଭିନ୍ନ ବିଭାଗ ଓ ତାର ଅଧିକାରୀମାନଙ୍କ ଟେଲିଫୋନ ନମ୍ବର ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରଦାନ କରାଯାଇଥିଲା । ନଳକୂପ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଗ୍ରାମବାସୀଙ୍କ ମଧ୍ୟରେ ଚାନ୍ଦା ପାଇଁ ଗ୍ରାମବାସୀଙ୍କ ଅଯୌକ୍ତିକ ଦାବି, ଡାକ୍ତରଖାନାରେ ପ୍ରସବ କରାଇବା ଓ ଟୀକାକରଣ କାର୍ଯ୍ୟକ୍ରମ ପାଇଁ ସମ୍ପ୍ରଦାୟ ମଧ୍ୟରେ ଆଗ୍ରହ ସୃଷ୍ଟିର ଅଭାବ ଓ ବିଭିନ୍ନ ଯୋଜନା ରୂପାୟନ କରିବାରେ ଆସୁଥିବା ବାଧା ଆଦି ପ୍ରସଙ୍ଗରେ କର୍ମଶାଳାରେ ଆଲୋଚନା ହୋଇଥିଲା ଓ ଏହି ସମସ୍ୟା ଦୂର କରିବାକୁ ଉପାୟ ବାହାର କରାଯାଇଥିଲା ।

### ପ୍ରସ୍ତାବିତ ସମାଧାନ ପନ୍ଥା

- ଗ୍ରାମ୍ୟ ବନ ସହାୟକ ଓ ଆଗଧାଡ଼ିର କର୍ମୀଙ୍କ ମଧ୍ୟରେ ସମ୍ପୃକ୍ତ ସମସ୍ୟା ସମ୍ପର୍କରେ ଆଲୋଚନା ହେବ ।
- ସମ୍ପୃକ୍ତ ବନ ସଂରକ୍ଷଣ ସମିତି ସଭାପତିଙ୍କ ଦ୍ୱାରା ଆଗଧାଡ଼ିର କର୍ମୀଙ୍କୁ ଗ୍ରାମ୍ୟ ସ୍ତରରେ ସହଯୋଗ ପ୍ରଦାନ କରାଯିବ ।
- ବନ ସଂରକ୍ଷଣ ସମିତି ସଭାଗୃହକୁ ଟୀକାକରଣ କେନ୍ଦ୍ରଭାବେ ବ୍ୟବହାର କରାଯିବା ସହ ସେଠାରେ ସ୍ଥାୟୀ କିମ୍ବା ଅସ୍ଥାୟୀଭାବେ ଟୀକାକରଣ ଚାର୍ଟ ଝୁଲାଯିବ । (ଯଦି ସେଠାରେ ଏଡବ୍ଲ୍ୟୁସି ନ ଥାଏ)
- ଏସଇଏମମାନଙ୍କ ଯନ୍ତ୍ରପାତି ରକ୍ଷଣାବେକ୍ଷଣରେ ଗ୍ରାମବାସୀ ସେମାନଙ୍କୁ ସହଯୋଗ କରିବେ ।
- କିଭଳିଏସ ପାଣ୍ଠିରୁ ଗରିବ ଲୋକେ ଯେପରି ସହାୟତା ପାଇପାରିବେ ସେ ଉପରେ ଗୁରୁତ୍ୱ ଦିଆଯିବ ।
- ପଞ୍ଚାୟତିରାଜ ସଭ୍ୟମାନେ ବିକାଶ ନିମନ୍ତେ ବ୍ଲକ୍ ସ୍ତରରେ ବୈଠକରେ ଆଲୋଚନା କରିବେ ।
- ବନ ସଂରକ୍ଷଣ ସମିତି ସଭାପତି ଓ ଗ୍ରାମ୍ୟ ବନ ସହାୟକଙ୍କ ପାଇଁ ଗ୍ରାମପଞ୍ଚାୟତ ସ୍ତରରେ ବୈଠକ ଆୟୋଜନ କରାଯିବ ।
- ବନ ସଂରକ୍ଷଣ ସମିତି ସଭାପତିମାନେ ଜିଲ୍ଲା ଜଳ ଓ ପରିମଳ ମିଶନ ସହାୟତାରେ ଗ୍ରାମରେ ବ୍ୟକ୍ତିଗତଭାବେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିବେ ।
- ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସ୍ଥିର କରିବାକୁ ବିପିଓମାନେ ବନ ସଂରକ୍ଷଣ ସମିତି ସଭାପତି ଓ ଗ୍ରାମ୍ୟ ବନ ସହାୟକଙ୍କୁ ଆଗୁଆ ସୂଚନା ପ୍ରଦାନ କରିବେ ।

## ଗୋଷ୍ଠୀର ବିକାଶକୁ ଏକାଭିମୁଖୀକରଣ ବାଟ ଦେଖାଉଛି



ରାଉରକେଲା ବନଖଣ୍ଡ ଅନ୍ତର୍ଗତ ଗୁରୁଣ୍ଡିଆ ବ୍ଲକର କୁଚେଇତା ଏକ ପଞ୍ଚାୟତ । ଏହି ପଞ୍ଚାୟତର ଏକ ଅଗମ୍ୟ ଗ୍ରାମ ହେଲା କେନ୍ଦୁଘାଟି, ଯାହା ପଞ୍ଚାୟତଠାରୁ ୨୦ କି.ମି ଦୂରରେ ଅବସ୍ଥିତ । ଗ୍ରାମର ପ୍ରାୟ ୧୧୫ଟି ପରିବାର ଓ ଜନସଂଖ୍ୟା ୩୬୮ । ଅତି ଅଗମ୍ୟଅଞ୍ଚଳରେ ଥିବାରୁ ଗ୍ରାମର ବିଶେଷ ବିକାଶ ହୋଇପାରି ନଥିଲା ।

ପ୍ରବଳ ବର୍ଷା ଯୋଗୁଁ ଏଠାରେ ଅଧିକ ମାତ୍ରାରେ ମାଟି ଅବକ୍ଷୟ ଖସିଯାଏ ଯାହାଫଳରେ ଚାଷ ପାଇଁ ଅଳ୍ପ ଜମି ବଞ୍ଚେ । ପାରମ୍ପରିକ ଉପାୟରେ ଚାଷ ହୁଏ ଓ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରେ । ତେଣୁ ସେମାନେ ବନଜାତ ଦ୍ରବ୍ୟ ଯଥା ଜାଳେଣି କାଠ, ମହୁଆ, ଶାଳ ମଞ୍ଜି ଓ ଶିଆଳି ପତ୍ର ଆଦି ନିକଟରେ ଥିବା ବଜାରରେ ବିକ୍ରି କରନ୍ତି ଓ କେତେକ ଦିନ ମଜୁରିଆଭାବେ କାମ କରି ରୋଜଗାର କରନ୍ତି ।

୨୦୦୭ରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏଠାରେ ଏକ ବନ ସଂରକ୍ଷଣ ସମିତି ଗଠନ କରି ତାହାର କାର୍ଯ୍ୟକଳାପ ଆରମ୍ଭ କଲା । ବନ ସଂରକ୍ଷଣ ସମିତି ମାଧ୍ୟମରେ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିକେନ୍ଦ୍ରୀକରଣ ନର୍ସରୀ, ବନତନ୍ତ୍ର କାର୍ଯ୍ୟକଳାପ, ଗାତ ଖୋଳିବା, ବୃକ୍ଷରୋପଣ ଏବଂ ଜଳ ମୃତ୍ତିକା ସଂରକ୍ଷଣ ଆଦି କାର୍ଯ୍ୟ କରାଗଲା । ପ୍ରବେଶିକା କାର୍ଯ୍ୟ ପାଇଁ ଥିବା ଅର୍ଥରେ ଗ୍ରାମରେ ତିନିଟି କୂପର ନବୀକରଣ କରାଗଲା ଏବଂ ଗୋଟିଏ ସୌରଚାଳିତ ଆଲୋକ ବ୍ୟବସ୍ଥା ଆରମ୍ଭ କରାଗଲା ।

ମୃତ୍ତିକା କ୍ଷୟ ସମ୍ପର୍କରେ ଲହୁଣିପଡ଼ାସ୍ଥିତ ମୃତ୍ତିକା ସଂରକ୍ଷଣ ବିଭାଗକୁ ସୂଚିତ କରାଗଲା । ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଦଶଜଣ ସଭ୍ୟଙ୍କୁ ନେଇ ଏକ ଭୂମି ପଞ୍ଚାୟତ ଗଠନ କରାଗଲା । ଗ୍ରାମରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଏକ ଜଳ ଅମଳ ପ୍ରକଳ୍ପ, ମୃତ୍ତିକା କ୍ଷୟ ନ ହେବାପାଇଁ ଏକ ଚେକ୍ ଡ୍ୟାମ ଓ ଏକ ପୋଖରୀର ପୁନରୁଦ୍ଧାର, ତିନୋଟି ନାଳ ନିୟନ୍ତ୍ରଣ, ପାଞ୍ଚୋଟି ଏଲବିଏସ, ତିନୋଟି ଝାଟି ଚେକ୍ ଡ୍ୟାମ କରାଗଲା ।

ମୃତ୍ତିକା ସଂରକ୍ଷଣ ଏହି କାର୍ଯ୍ୟରେ ଆଜିପର୍ଯ୍ୟନ୍ତ ପ୍ରାୟ ୧,୦୦,୦୮୭ ଟଙ୍କା ଖର୍ଚ୍ଚ ହୋଇସାରିଥିବାବେଳେ କାର୍ଯ୍ୟ ଏବେ ବି ଜାରି ରହିଛି । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପ୍ରରୋଚନାରେ ଗ୍ରାମପଞ୍ଚାୟତ ମହକୁମା କୁଚେଇତାଠାରୁ କେନ୍ଦୁଘାଟିକୁ ଏକ ରାସ୍ତା ନିର୍ମାଣ କରାଯାଇଛି । ୨୦୦୭-୦୮ରେ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅର୍ଥରେ ତିନି କି.ମି ଦୀର୍ଘ ରାସ୍ତା ପାଇଁ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଏହି ରାସ୍ତା ଯୋଗୁଁ ଗ୍ରାମବାସୀ ବର୍ଷସାରା ଅନ୍ୟ ସ୍ଥାନକୁ ଯିବାଆସିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉନାହାନ୍ତି ।

ଏହି ମିଳିତ ଉଦ୍ୟମ ଦ୍ୱାରା ୨୫ ଏକର ଜମି ସମ୍ପୂର୍ଣ୍ଣ ଜଳସେଚିତ ହୋଇପାରୁଛି ଓ ଗଞ୍ଜୁଡୋଲା ଏବଂ ଶରଣକୋଚା ଗ୍ରାମର ୧୫ ପରିବାର ରବି ଫସଲ ଉତ୍ପାଦନ କରିପାରୁଛନ୍ତି । ଏହି କାର୍ଯ୍ୟ ଦ୍ୱାରା ଗ୍ରାମବାସୀଙ୍କ ବିଶ୍ୱାସ ବୃଦ୍ଧି ପାଉଛି ଯାହାକି ପ୍ରକଳ୍ପକୁ ଆଗକୁ ବଢ଼ିବାକୁ ପ୍ରେତ୍ସାହିତ କରୁଛି ।

**ଡଃ କେ. ମୁରୁଗୁସିଆନ,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ୟୁନିଟ ମୁଖ୍ୟ, ରାଉରକେଲା

### ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ବିଭିନ୍ନ ବିଭାଗ ସହ ଏକାଭିମୁଖୀ କାର୍ଯ୍ୟକ୍ରମ

୧. ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗ (ଆରଡବ୍ଲୁଏସଏସ) ଏବଂ ଜିଲ୍ଲା ଜଳ ଓ ପରିମଳ ମିଶନ(ଡିଡବ୍ଲୁଏସଏମ) ସହ ପରାମର୍ଶ କରାଯାଇ ନଳକୂପ ଖନନ, ସ୍ୱଜଳଧାରା ଯୋଜନା କାର୍ଯ୍ୟକାରୀ କରାଯିବା ସହ ଶୌଚାଳୟ ଘର ନିର୍ମାଣ କରାଯାଇଛି । ଆଗ୍ରହୀ ବ୍ୟକ୍ତିମାନଙ୍କ ତାଲିକା ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି ।

୨. ପଞ୍ଚାୟତ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସହ ପରାମର୍ଶ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା ମେଳା ଆୟୋଜନ କରାଯାଇଛି । କେନ୍ଦୁଝିପଦରରେ ରୋଗୀ କଲ୍ୟାଣ ସମିତିର କାମ ଆରମ୍ଭ କରାଯାଇଛି ।

୩. ଜଳ ବିଭାଜିକା ପ୍ରକଳ୍ପ ଓ ବାଡ଼ିକା ପ୍ରକଳ୍ପ ନେଇ ମୃତ୍ତିକା ସଂରକ୍ଷଣ ବିଭାଗ ସହ ପରାମର୍ଶ କରାଯାଇ ପ୍ରତି ଗ୍ରାମରେ ଥିବା ଗରିବ ପରିବାରଙ୍କ ତାଲିକା ପ୍ରଦାନ କରାଯାଇଛି ।

୪. ମାଳବିହୁଲ, ପି. କରେଣି ଏବଂ କେନ୍ଦୁଝିପଦର ସମେତ ଅନ୍ୟ କେତେକ ଗ୍ରାମରେ ଅଧାରୁ ପାଠ ଛାଡ଼ିଥିବା ଛାତ୍ରଛାତ୍ରୀ, ସ୍କୁଲ ଯାଉନଥିବା ଶିଶୁଙ୍କ ପାଇଁ ଶିକ୍ଷା କେନ୍ଦ୍ର ଖୋଲିବା ପାଇଁ ସର୍ବଶିକ୍ଷା ଅଭିଯାନ ଓ ବିଡିଓଙ୍କ ସହ ଆଲୋଚନା କରାଯାଇଛି । ଏ ସଂକ୍ରାନ୍ତ ପ୍ରସ୍ତାବ ସମ୍ପୃକ୍ତ ଶିକ୍ଷା ସଂଯୋଜକଙ୍କ ଜରିଆରେ ପ୍ରଦାନ କରାଯାଇଛି ।

୫. ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ନାଳ ନିର୍ମାଣ ସମେତ କେତେକ ପୋଖରୀର ପୁନରୁଦ୍ଧାର ପାଇଁ ସ୍ଥିର କରାଯାଇଛି ।

୬. ସାଉଥକୋ, ଜିଲ୍ଲାପାଳ କାର୍ଯ୍ୟାଳୟର ବିକାଶ ବିଭାଗ ଏବଂ ବ୍ଲକ୍ ସହ ଆଲୋଚନା କରାଯାଇ ବିଜୁ ଗ୍ରାମ ଜ୍ୟୋତି ଯୋଜନା ପାଇଁ ଯୁଗ୍ମ ବନ ପରିଚାଳନା ଅଞ୍ଚଳଗୁଡ଼ିକୁ ପ୍ରସ୍ତାବ ଦେଇଛନ୍ତି । ମାଳବିହୁଲରେ ବିଦ୍ୟୁତକରଣ ପାଇଁ ସର୍ଭେ କାମ ଆରମ୍ଭ ହୋଇଛି ।

### ଏକ ବିରକ୍ତିକର କାମରୁ ମୁକ୍ତି

ଗଜପତି ଜିଲ୍ଲା ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡ଼ି ଗ୍ରାମପଞ୍ଚାୟତର "ଗୁହ୍ମା" ଏକ ଆଦିବାସୀବହୁଳ ଗ୍ରାମ । ଦୀର୍ଘ ଦିନରୁ ଏହି ଗ୍ରାମବାସୀ ଉତ୍କଟ ଜଳ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିଲେ । ମହିଳାମାନେ ପାହାଡ଼ ପର୍ବତ ଦେଇ ଦୁଇ କି.ମି. ଚାଲିକରି ଯାଇ ପିଇବା ତଥା ଅନ୍ୟ ଘରୋଇ ବ୍ୟବହାର ପାଇଁ ଜଳ ସଂଗ୍ରହ କରୁଥିଲେ । ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଏଠାରେ ମାଧ୍ୟାକର୍ଷଣ ଶକ୍ତି ବ୍ୟବହାର କରି ଚିରସ୍ଥାୟୀ ଭୂମି ନଳରୁ ଜଳଯୋଗାଣ ବ୍ୟବସ୍ଥା କରିବାକୁ ଯୋଜନା କରିଥିଲା । ୨୦୦୯ ମାର୍ଚ୍ଚ ଶେଷ ସପ୍ତାହରେ ପ୍ରକଳ୍ପ ନିର୍ମାଣ ଶେଷ ହେଲା । ଗ୍ରାମକୁ ନିରବଚ୍ଛିନ୍ନଭାବେ ଟ୍ୟାପରୁ ଜଳ ଯୋଗାଣହେବା ପରେ ଖୁସିରେ ଉଲ୍ଲସିତ ମହିଳାମାନେ କହିଲେ ଯେ "ଆମକୁ ଏକ ବିରକ୍ତିକର କାମରୁ ମୁକ୍ତି ମିଳିଲା" ଏବଂ ସେମାନେ ଓଏଫଏସଡିପିକୁ ଧନ୍ୟବାଦ ଦେଲେ ।

**କେ.ଏସ. ମହାନ୍ତି,** ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ପାରଳାଖେମୁଣ୍ଡି



# ଭୁଲ ତଥ୍ୟ ଯୋଗୁଁ ଭୁଲ ବୁଝାମଣା ଓଏଫଏସଡିପି ଏକ ଆହ୍ୱାନର ସମ୍ମୁଖୀନ ହୋଇ ସମାଧାନ କଲା



## ଲୋକଙ୍କ ମନରେ ଭୟ ସଞ୍ଚାର

କୁଆଁରମୁଣ୍ଡା ରେଞ୍ଜ ଅଧୀନରେ ୧୬୩ ପରିବାର ରହୁଥିବା ଝାରବେଡା ଏକ ଅଗମ୍ୟ ଗ୍ରାମ । ୨୦୦୭ରେ ଏଠାରେ ପ୍ରକଳ୍ପ ଆରମ୍ଭ ହେଲା । ବୃକ୍ଷରୋପଣ ସମେତ ଅନ୍ୟ କାର୍ଯ୍ୟକଳାପ ତୁରନ୍ତ ଆରମ୍ଭ କରାଗଲା । ଖଳ ପ୍ରକୃତିର ବ୍ୟକ୍ତିମାନେ ଗ୍ରାମବାସୀଙ୍କୁ ପ୍ରବର୍ତ୍ତାଇଲେ ଯେ ବିଦେଶୀ ଅର୍ଥଲଗାଣକାରୀ ସଂସ୍ଥା ସେମାନଙ୍କ ଜଙ୍ଗଲ ନେଇଯିବେ । ଏ କଥା ଶୁଣିବା ପରେ ତିନି ଦଶନ୍ଧି ଧରି ଜଙ୍ଗଲ ଜଗୁଥିବା ଲୋକ ଜଙ୍ଗଲ ଜଗିବା ବନ୍ଦ କରିଦେଲେ ଓ ବୃକ୍ଷରୋପଣ ସ୍ଥାନରେ ସେମାନଙ୍କ ଗାଈଗୋରୁ ଚରିବାକୁ ଛାଡିଦେଲେ । ବନ ବିଭାଗ କର୍ମଚାରୀ ଓ ବେସରକାରୀ ସଙ୍ଗଠନର କର୍ମକର୍ତ୍ତା ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ପ୍ରକଳ୍ପ ପାଇଁ ଥିବା ଏହି ଅନିଚ୍ଛାର କାରଣ ସମ୍ପର୍କରେ ଜାଣିପାରିଲେ ।

## ଆହ୍ୱାନର ସମାଧାନ



ବନପାଳ ଓ ବେସରକାରୀ ସଙ୍ଗଠନର ଦଳ ଗ୍ରାମବାସୀଙ୍କୁ ସଠିକ ରାସ୍ତାକୁ ଆଣିବାକୁ କଠିନ ପରିଶ୍ରମ କଲେ । ବାରମ୍ବାର ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ସେମାନଙ୍କ ମଧ୍ୟରେ ପୁନର୍ବାର ପ୍ରକଳ୍ପ ପ୍ରତି ଆଗ୍ରହ ଦେଖାଦେଲା । ବର୍ତ୍ତମାନ ବନ ସଂରକ୍ଷଣ ସମିତି ସଦସ୍ୟମାନେ ବୈଠକରେ ସକ୍ରିୟଭାବେ ଅଂଶଗ୍ରହଣ କରୁଛନ୍ତି ଏବଂ ଗୋଚାରଣଜନିତ କ୍ଷତିରୁ ଜଙ୍ଗଲ ରକ୍ଷା କରୁଛନ୍ତି ।

ମହିଳାମାନଙ୍କ ଅଂଶଗ୍ରହଣ ମଧ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି ଏବଂ ସେମାନଙ୍କ ନିଷ୍ପତ୍ତି ଗ୍ରହଣରେ ଅଗ୍ରଣୀ ଭୂମିକା ନେଉଛନ୍ତି । ଜଙ୍ଗଲ ଜଗିବା ପାଇଁ ଗ୍ରାମର ପ୍ରତି ଘରୁ ବାର୍ଷିକ ୧୦ କେଜି ଧାନ ପ୍ରଦାନ କରାଯାଉଛି ।

# ତୁଟିଆଟିଲା ବନ ସଂରକ୍ଷଣ ସମିତିର ନୂତନ ଉଦାହରଣ ସୃଷ୍ଟି



ଶୁଖିଯାଉଥିବା ଚାରାରେ ସାମୂହିକ ଜଳଦାନ କରି ରାଉରକେଲାର କୁଆଁରମୁଣ୍ଡା କ୍ଷେତ୍ର ପରିଚାଳନା ୟୁନିଟ ଅନ୍ତର୍ଗତ ତୁଟିଆଟିଲା ବନ ସଂରକ୍ଷଣ ସମିତି ଏକ ଅନନ୍ୟ କାର୍ଯ୍ୟ କରି ଦେଖାଇଛନ୍ତି ।

ସ୍ୱଳ୍ପ ବୃଷ୍ଟିପାତ ସତ୍ତ୍ୱେ, ଅବଶିଷ୍ଟ ଜଳ ଓ ମୃତ୍ତିକା ସଂରକ୍ଷଣ କାର୍ଯ୍ୟ ଯୋଗୁଁ ଯୁଗ୍ମ ବନ ପରିଚାଳନା ଅଞ୍ଚଳର ଦକ୍ଷିଣ-ପଶ୍ଚିମ ଭାଗରେ ଥିବା ଏହି ପାହାଡ଼ିଆ ଅଞ୍ଚଳରେ ରୋପିତ ହୋଇଥିବା ଚାରାରୁ ଶତକଡ଼ା ୯୦ ଭାଗ ବଞ୍ଚିଗଲା । ଏପରି ଶୁଖିଲା ସମୟରେ ଚାରା ବଞ୍ଚିବା ଅତି ନଗଣ୍ୟ ।

ବନ ସଂରକ୍ଷଣ ସମିତି ଅଧ୍ୟକ୍ଷ ଶ୍ରୀ ଜିଙ୍ଗା ଏକ୍କା, ନର୍ସରୀ ସୃଷ୍ଟିକାରୀ ଶ୍ରୀ ରମେଶ ଏକ୍କାଙ୍କ ସହ ମିଶି ଦେଖିଲେ ଯେ ରୋପିତ ହୋଇଥିବା ଚାରାଗୁଡ଼ିକର ପତ୍ର ଶୁଖିଯାଉଛି । ସ୍ଥାନୀୟ ଯୁବନେତା ଶ୍ରୀ ସଞ୍ଜୀବ ସିଂହଦେଓଙ୍କ ସହ ପରାମର୍ଶ କରିବା ପରେ ସେମାନେ ୧୫୦୦୦ ଲିଟର କ୍ଷମତାବିଶିଷ୍ଟ ଏକ ପାଣି ଟ୍ୟାଙ୍କର ଜଳଦାନ ପାଇଁ ଲଗାଇଲେ । ପ୍ରାୟ ୨୫୦ ବନ ସଂରକ୍ଷଣ ସମିତି ସଭ୍ୟ ସଂରକ୍ଷିତ ଯୁଗ୍ମ ବନ ପରିଚାଳନା ଅଞ୍ଚଳରେ ରୋପିତ ଚାରାରେ ପାଣି ଦେବା କାର୍ଯ୍ୟରେ ଭାଗ ନେବା ସହ ସେଠାରେ ଚାରଣ ଓ ନିଆଁ ଲାଗିବାକୁ ଜଗିଥିଲେ । ଏପରି କାର୍ଯ୍ୟ ଅନ୍ୟ ବନ ସଂରକ୍ଷଣ ସମିତି ସଭ୍ୟଙ୍କୁ ପ୍ରଭାବିତ କରିବ ଓ ସେମାନେ ମଧ୍ୟ ତୁଟିଆଟିଲା ବନ ସଂରକ୍ଷଣ ସମିତି ସଭ୍ୟଙ୍କ ପଦାଙ୍କ ଅନୁସରଣ କରିବେ ବୋଲି ଆଶା କରାଯାଉଛି ।

**ନଳିନୀକାନ୍ତ ବେହେରା**
କ୍ଷେତ୍ର ପରିଚାଳନା ୟୁନିଟ ତଥା ରେଞ୍ଜ ଅଧିକାରୀ, କୁଆଁରମୁଣ୍ଡା

# ଜୀବିକା ନିର୍ବାହର ଅକ୍ଷବିନ୍ଦୁ-କାଲିପଙ୍ଗା ବନ ସଂରକ୍ଷଣ ସମିତି



ପ୍ରବେଶିକା କାର୍ଯ୍ୟ ଆରମ୍ଭ ହେବାପରେ କାଲିପଙ୍ଗା ବନ ସଂରକ୍ଷଣ ସମିତି ଜୀବିକା ନିର୍ବାହ ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ ଦେଖାଦେଲା । ପୂର୍ବରୁ ଧାନ ଚାଷରେ ଗ୍ରାମରେ ମୋଟ ୨୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବାବେଳେ ସେଥିରୁ ହାରାହାରି ଏକର ପିଛା ୧୦ କୁଇଣ୍ଟାଲ ଧାନ ଅମଳ ହେଉଥିଲା । କିନ୍ତୁ ପ୍ରବେଶିକା କାର୍ଯ୍ୟ ଦ୍ୱାରା ବିକଳ୍ପ ବ୍ୟବସ୍ଥା କରାଯାଇ ଜମିକୁ ଜଳସେଚିତ କରାଯିବା ପରେ ଧାନ ଅମଳ ଏକର ପିଛା ତିନି କୁଇଣ୍ଟାଲ ବୃଦ୍ଧି ପାଇଥିବାବେଳେ ପାଞ୍ଚ ଏକର ଡିପ ଜମି ମଧ୍ୟ ଚାଷ ହୋଇପାରିଥିଲା । ସେଥିରୁ ମଧ୍ୟ ସମାନ ପରିମାଣର ଅମଳ ହେଲା । ଏହିପରିଭାବେ ଗ୍ରାମବାସୀ ପ୍ରାୟ ୨,୦୫,୦୦୦/- ଟଙ୍କା ମୂଲ୍ୟର ୧୨୫ କୁଇଣ୍ଟାଲ ଧାନ ଅମଳ କରିପାରିଲେ । ଧାନ ବ୍ୟତୀତ ଗ୍ରାମବାସୀମାନେ ବାଇଗଣ, ଟମାଟୋ, ଲାଲି ଶାଗ, ସୂର୍ଯ୍ୟମୁଖି ଫୁଲ, କୋବି ଓ ପିଆଜ ପରି ପନିପରିବା ମଧ୍ୟ ଚାଷ କଲେ ଏବଂ ସେମାନେ ନିଜ ଘର ତିଆରି ଓ ମରାମତି ପାଇଁ ଇଟା ନିର୍ମାଣରେ ମଧ୍ୟ ନିୟୋଜିତ ହେଲେ । ୬୩ ଦିନରେ ସେମାନେ ୧,୦୫,୦୦୦ ଟି ଇଟା ନିର୍ମାଣ କରି ୬୨,୧୯୫ ଟଙ୍କାର ଲାଭ ପାଇପାରିଛନ୍ତି ।



ଏପିସି ଶ୍ରୀ ଏସ.ପି ନନ୍ଦ ତାଙ୍କ ସର୍କଲ ଗସ୍ତବେଳେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

**ଏଫଏଲଭ, ରାୟଗଡ଼ା**

# ବିଶ୍ୱ ପରିବେଶ ଦିବସ ସହ ଓଏଫଏସଡିପିର ମିଳନ



ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରିଥିଲା । ଏଥିରେ "ଓଡ଼ିଶା ଉପକୂଳରେ ସାମୁଦ୍ରିକ ପ୍ରକ୍ରିୟା" ଶୀର୍ଷକ ଏକ ବିଚାର ଆଲୋଚନାର ଆୟୋଜନ କରାଯାଇଥିଲା । ଭୁବନେଶ୍ୱରରେ ଆୟୋଜିତ ଏହି ବିଚାର ଆଲୋଚନା ଅବସରରେ ବନ୍ୟ ପରାମର୍ଶଦାତା ଗୋଷ୍ଠୀ (ଏଫଏଜି)ର ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଡଃ ଡି.ଏମ. ଫାରୁକି ଭୂତାତ୍ତ୍ୱିକ ସ୍ଥିତି ଉପରେ ଗୁରୁତ୍ୱାରୋପ କରିବା ସହ ଉପକୂଳ ଅଣବୃଦ୍ଧିପ୍ରାପ୍ତି ଅଞ୍ଚଳରେ କ୍ଷୟପ୍ରାପ୍ତି ଓ ବୃଦ୍ଧିପ୍ରାପ୍ତି, ତ୍ରିକୋଣ ଭୂମିର ବିକାଶସ୍ତର (ସୁନ୍ଦରବନ ଓ ମହାନଦୀ), ସମୁଦ୍ର କୂଳ କ୍ଷୟର ଉପକୂଳିକ ପ୍ରକ୍ରିୟା, ଭୂ-ପଦାର୍ଥ ବିଜ୍ଞାନ ସମ୍ବନ୍ଧୀୟ ସ୍ମାରକ ଏବଂ ମହାଦେଶର ସମୁଦ୍ର ତଟରେ ଥିବା ଅଗଭୀର ସମୁଦ୍ର ଶଯ୍ୟାର ଭୂତାତ୍ତ୍ୱିକ ସର୍ଭେ ଉପରେ ଆଲୋକପାତ କରିଥିଲେ ।

ସେ କହିଲେ, ଗତ କିଛି ଦଶନ୍ଧି ଧରି ଉପକୂଳ ଅଞ୍ଚଳ ଉପରେ ପ୍ରବଳ ଚାପ ସୃଷ୍ଟି ହୋଇଛି । ମାଛ ବ୍ୟବସାୟ, ମାଛ ଚାଷ, ବନ୍ଦର, ମୁହାଣ ଏବଂ ସହରୀ ସଭ୍ୟତା ସ୍ଥାପନ ଯୋଗୁଁ ଏହି ପରିବେଶୀୟ ପରିବର୍ତ୍ତନ ହୋଇଛି । ଗୋପାଳପୁର-ପୁରୀ (ମୁଖ୍ୟତଃ ଉପକୂଳରୁ ୨ କି.ମି. ଦୂର)ରେ ଏକ ପତଳା ଶଯ୍ୟା ରହିଥିବାବେଳେ ତାହା ପ୍ରାୟ ୫୦ କି.ମି. ଓସାର ଏବଂ ପାରାଦ୍ୱୀପ-ସୁବର୍ଣ୍ଣରେଖା ଉପକୂଳର ଅଗଭୀର ସମୁଦ୍ର ଶଯ୍ୟାରେ ନଦୀ ମୁହାଣ ରହୁଛି ।

ଡଃ ଫାରୁକି ମଧ୍ୟ ଗ୍ଲୋବାଲ ୱାର୍ମିଂ ଯୋଗୁଁ ସମୁଦ୍ର ପତ୍ତନ ବୃଦ୍ଧିପାଇଥିବାରୁ ଚିନ୍ତା ବ୍ୟକ୍ତ କରିଥିଲେ । ତେବେ ଉଚ୍ଚ ଶକ୍ତିସମ୍ପନ୍ନ ସମୁଦ୍ର ଢେଉର କୁ ପ୍ରଭାବ କମ୍ କରିବାରେ ହେନ୍ତାଳ ବଣ ଓ ଉପକୂଳ ବୃକ୍ଷରୋପଣର ଭୂମିକା ଉପରେ ମଧ୍ୟ ଆଲୋକପାତ କରିଥିଲେ । ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଭୁବନେଶ୍ୱର ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ସଭ୍ୟ ସଚିବ ଶ୍ରୀ ସିଦ୍ଧାନ୍ତ ଦାସ, ଆଇଏଫଏସ, ମତ ଦେଇଥିଲେ ଯେ, ଏପରି ଆଲୋଚନା ଉପରସ୍ତରରେ ହେବା ଉଚିତ, ଯେଉଁଠାରେ ବିପର୍ଯ୍ୟୟ ପରିଚାଳନା ନେଇ ନୀତି ନିର୍ଦ୍ଧାରଣ କରାଯାଉଛି । ନୀତି ନିର୍ଦ୍ଧାରଣକାରୀମାନଙ୍କ ପାଇଁ ଏପରି ଏକ କର୍ମଶାଳା ଆୟୋଜନ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ହିଁ ଉପଯୁକ୍ତ କ୍ଷେତ୍ର ବୋଲି ଶ୍ରୀ ଅରୁଣ କୁମାର ବଂସଲ, ଆଇଏଫଏସ, ପ୍ରକଳ୍ପ ନିର୍ଦ୍ଦେଶକ ମତ ଦେଇଥିଲେ ।

---

## ବାଲିଗୁଡ଼ା – ସଫଳ କାହାଣୀ

### ସୌରଚାଳିତ ଆଲୋକ ସହ ଆଶାର ପୁନଃସଞ୍ଚାର

ବେଲଘର କ୍ଷେତ୍ର ପରିଚାଳନା ୟୁନିଟ ଅଧୀନରେ ରଙ୍ଗାପାଡୁ ବନ ସଂରକ୍ଷଣ ସମିତି ଏକ ଅତ୍ୟନ୍ତ ଆଭ୍ୟନ୍ତରୀଣ ଗ୍ରାମ ଓ ସେଥିରେ ପ୍ରାୟତଃ କୁଟିଆ କନ୍ଧ ବସବାସ କରନ୍ତି । ଗ୍ରାମରେ ଆଦୌ ବିଦ୍ୟୁତ ନ ଥିଲା । ପ୍ରକଳ୍ପର ପ୍ରବେଶିକା କାର୍ଯ୍ୟ ଅଧୀନରେ ଗ୍ରାମର ମଧ୍ୟ ଭାଗରେ ଦୁଇଟି ଟାଟା ସୌରଚାଳିତ ଆଲୋକ ବ୍ୟବସ୍ଥା କରାଗଲା । ଏଥିରେ ମୋଟ ୪୦,୦୦୦ ଟଙ୍କା ଖର୍ଚ୍ଚ ହେଲା । ଏଥିପାଇଁ ଲୋକେ ପ୍ରବେଶିକା କାର୍ଯ୍ୟକୁ ଧନ୍ୟବାଦ ଦେଉଛନ୍ତି । ଏବେ ଲୋକେ ସନ୍ଧ୍ୟାରେ ସାମାଜିକ ଉତ୍ସବ ଓ ଦିନର କାମ ସରିବା ପରେ ଗ୍ରାମସ୍ତରର ବୈଠକ ଆୟୋଜନ କରିପାରୁଛନ୍ତି ।



ବେଲଘର ରେଞ୍ଜ ଅନ୍ତର୍ଗତ ରଙ୍ଗାପାଡୁ ଭିଏସଏସରେ ସୌରଚାଳିତ ଆଲୋକ ବ୍ୟବସ୍ଥା

### ମହିଳାଙ୍କ ମୁହଁରେ ହସ

ବାଲିଗୁଡ଼ାରେ ପ୍ରବେଶିକା କାର୍ଯ୍ୟର ଯାଞ୍ଚ ପ୍ରସ୍ତୁତିବେଳେ କେତେକ ବନ ସଂରକ୍ଷଣ ସମିତି ଅଞ୍ଚଳରେ ମହିଳାମାନଙ୍କ ପାଇଁ ଗାଧୁଆ ଘର ନିର୍ମାଣକୁ ପ୍ରାଧାନ୍ୟ ଦିଆଯିବ ବୋଲି ସ୍ଥିର କରାଯାଇଥିଲା । ଉଭୟ ପ୍ରଥମ ଓ ଦ୍ୱିତୀୟ ଦଫା ଅଞ୍ଚଳର ଛଅଟି ବନ ସଂରକ୍ଷଣ ସମିତିରେ ଗାଧୁଆ ଘର ନିର୍ମାଣ କରାଯାଇଛି । ଏଥିଯୋଗୁଁ ମହିଳାମାନଙ୍କ ମୁହଁରେ ହସ ଫୁଟିଛି ଓ ସେମାନେ ନିଶ୍ଚିନ୍ତରେ ଗାଧୋଇପାରୁଛନ୍ତି । ଏହି ଛୋଟ ପଦକ୍ଷେପ ଯୋଗୁଁ ପ୍ରକଳ୍ପ ମହିଳାମାନଙ୍କ ହୃଦୟ ଜିତିପାରିଛି ।



ମହିଳାଙ୍କ ପାଇଁ ଗାଧୁଆ ଘର

ରମେଶ ଚନ୍ଦ୍ର ସେଠୀ
ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା କେନ୍ଦ୍ର ମୁଖ୍ୟ, ବାଲିଗୁଡ଼ା

# ବନ ସଂରକ୍ଷଣ ସମିତି ସଭ୍ୟଙ୍କ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ–ଉତ୍ତର

୧. ବନ ସଂରକ୍ଷଣ ସମିତି ଅଞ୍ଚଳରେ ରୋପଣ କରାଯାଉଥିବା ବୃକ୍ଷ ପରିପକ୍ୱ ହେବା ପରେ ସରକାର ତାକୁ କାଟି ନେଇଯିବେ କି ?

ପୁନରୁଦ୍ଧାର ପାଇଁ କରାଯାଉଥିବା ଏପରି ବୃକ୍ଷରୋପଣ ଓ ବନତାତ୍ତ୍ୱିକ କାର୍ଯ୍ୟକ୍ରମ ବନ ବିଭାଗର ସହାୟତାରେ ବନ ସଂରକ୍ଷଣ ସମିତି ଦ୍ୱାରା କରାଯିବ । ଏପରି ବୃକ୍ଷରୋପଣର ରକ୍ଷଣାବେକ୍ଷଣ ଓ ଜଗାରଖା ସମ୍ପୃକ୍ତ ବନ ସଂରକ୍ଷଣ ସମିତିଗୁଡ଼ିକ କରିବେ । ମଧ୍ୟବର୍ତ୍ତୀକାଳୀନ ଅମଳରୁ ଶତକଡ଼ା ୧୦୦ ଭାଗ ବନ ସଂରକ୍ଷଣ ସମିତି ନେବାକୁ ଯୋଗ୍ୟ । ତେବେ ଚୂଡ଼ାନ୍ତ ଅମଳରୁ ପ୍ରାପ୍ତ ସାମଗ୍ରୀର ବିକ୍ରି ମୂଲ୍ୟରୁ ଅମଳ ମୂଲ୍ୟ କଟାଯିବା ପରେ ଶତକଡ଼ା ୫୦ ଭାଗ ବନ ସଂରକ୍ଷଣ ସମିତି ନେବାକୁ ଯୋଗ୍ୟ ।

୨. ବନ ସଂରକ୍ଷଣ ସମିତି ଦ୍ୱାରା ଆମେ କିପରି ଲାଭବାନ ହେବୁ ?

ଯଦି ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳର ପୁନରୁଦ୍ଧାର କରିବାରେ ଓ ଜଗାରଖା କରିବାରେ ବନ ସଂରକ୍ଷଣ ସମିତି ସଫଳ ହୁଏ ତେବେ ଯୁଗ୍ମ ବନ ପରିଚାଳନା ପ୍ରସ୍ତାବ – ୨୦୦୮ ଅନୁସାରେ ବନ ସଂରକ୍ଷଣ ସମିତି ସଭ୍ୟମାନେ ନିମ୍ନଲିଖିତ ସୁବିଧା ପାଇବାକୁ ଯୋଗ୍ୟ ।

(କ) ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରୁ ମଧ୍ୟବର୍ତ୍ତୀକାଳୀନ ଅମଳରୁ ଜାଳେଣୀ କାଠ, ଖୁଣ୍ଟ, ଛୋଟ କାଠଗଣ୍ଡି ଏବଂ ଅଣକାଷ୍ଠ ବନଜାତ ଦ୍ରବ୍ୟ ଶତକଡ଼ା ୧୦୦ ଭାଗ ମାଗଣାରେ ନେବେ । ଏଥିସହ ଗୋଖାଦ୍ୟ, ଘାସ, ଶୁଖିଲା ଝଡ଼ିପଡ଼ିଥିବା ପତ୍ର, ଝାଟି, ଝାଡୁ ଘାସ, ଦାଡ଼ ତୁଳା ଉପକରଣ, ଝଡ଼ରେ ପଡ଼ିଥିବା ଡାଳ ଓ ମୂଳ, କୃଷି କାର୍ଯ୍ୟରେ ବ୍ୟବହୃତ ହେବାକୁ ଥିବା ଉପକରଣ ଏବଂ ଘର ଛପର ପାଇଁ ଛଣ ଆଦି ସେମାନଙ୍କ ପ୍ରକୃତ ବ୍ୟବହାର ପାଇଁ ନେଇପାରିବେ ଏବଂ ଘରୋଇ ବ୍ୟବହାର ପାଇଁ ଖମ୍ବଆଳୁ, ଫଳ ଓ ପତ୍ର ଆଦି ମଧ୍ୟ ନେଇପାରିବେ ।

(ଖ) ଚୂଡ଼ାନ୍ତ ଅମଳରୁ ପ୍ରାପ୍ତ ସାମଗ୍ରୀର ବିକ୍ରି ମୂଲ୍ୟରୁ ଅମଳ ମୂଲ୍ୟ କଟାଯିବା ପରେ ଶତକଡ଼ା ୫୦ ଭାଗ ମଧ୍ୟ ନେବେ ।


୩. ବନ ସଂରକ୍ଷଣ ସମିତିର ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରୁ ବେଆଇନ ଗଛକଟା ହେଉଥିଲେ ସମିତି କଣ କରିପାରିବ ଓ ବନ ବିଭାଗ ଠାରୁ କି ପ୍ରକାର ସହାୟତା ଆଶା କରିପାରିବ ?

ବନ ସଂରକ୍ଷଣ ସମିତିର ନିର୍ଦ୍ଧାରିତ ଜଙ୍ଗଲ ଅଞ୍ଚଳରୁ ବେଆଇନ ଗଛକଟା ରୋକିବା, ଶିକାର ରୋକିବା, ଗୋଚାରଣ ରୋକିବା ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମିତିର କର୍ତ୍ତବ୍ୟ । ଯଦି ବନ ଅପରାଧ ହୁଏ ତେବେ ବନ ସଂରକ୍ଷଣ ସମିତି ଅପରାଧୀଙ୍କୁ ଧରିବାରେ ସମସ୍ତ ସହଯୋଗ ଯୋଗାଇ ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିକଟସ୍ଥ ବନ ଅଧିକାରୀଙ୍କୁ ହସ୍ତାନ୍ତର କରିବେ । ଏହା ଫଳରେ ଜବତ ବନଜାତ ଦ୍ରବ୍ୟର ବିକ୍ରି ମୂଲ୍ୟରୁ ନିର୍ଦ୍ଧାରିତ ଅଂଶ ପାଇବାକୁ ବନ ସଂରକ୍ଷଣ ସମିତି ଯୋଗ୍ୟ ।

## ନିଯୁକ୍ତି/ବଦଳି

ଶ୍ରୀ ଅଜିତ ଭରଦ୍ୱାଜ, ଆଇଏଫଏସ, ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ପ୍ରକଳ୍ପ ପରିଚାଳନା ୟୁନିଟରେ ଯୋଗଦେଲେ । ଡା କେ.ପି. ସିଂହ, ଆଇଏଫଏସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକଳ୍ପ ପରିଚାଳନା ୟୁନିଟରୁ ବଦଳି ହୋଇ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ବ୍ରହ୍ମପୁର ଭାବେ ଯୋଗଦେଇଥିଲେ ମଧ୍ୟ ପ୍ରକଳ୍ପ ସହ ଜଡ଼ିତ ଅଛନ୍ତି ।

## ପ୍ରକାଶନ


MICRO PLAN PREPARATION IN MANGROVE AREAS

HAND BOOK FOR FACILITATORS

OFSDP

JICA

## OFSDP Newsletter

ଜାପାନ ଆନ୍ତର୍ଜାତିକ ସହଯୋଗ ସଂସ୍ଥା ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମନ୍ତବ୍ୟ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ :

**ଉପ ପ୍ରକଳ୍ପ ନିର୍ଦ୍ଦେଶକ**
E-mail- dpd.pa@ofsdp.org

**ପ୍ରକାଶକ :**
ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର ଘାଟିକିଆ
ଭୁବନେଶ୍ୱର – ୭୫୧ ୦୦୩
ଫୋନ : ୦୬୭୪–୨୩୮୪୦୧୬
ଫ୍ୟାକ୍ସ : ୦୬୭୪–୨୩୮୪୦୮୫
E-mail: webmail@ofsdp.org, http:\\ www.ofsdp.org

**ସଂପାଦକ ମଣ୍ଡଳୀ**
ମୁଖ୍ୟ ସଂପାଦକ : ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫ୍ଏସ୍‌ଡିପି
ପରିଚାଳନା ସଂପାଦକ : ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ, ଓଏଫ୍ଏସ୍‌ଡିପି
ସଂପାଦକ : ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଅଧିକ ସାଧନ ବିକାଶ ଓ ପ୍ରଚାର)
ପରାମର୍ଶଦାତା : ଦକ୍ଷତା ପ୍ରଚାର ଓ ସଚେତନତା, ଓଏଫ୍ଏସ୍‌ଡିପି ଏବଂ ଉପ ପ୍ରକଳ୍ପ ନିର୍ଦ୍ଦେଶକ (ପ୍ରଶାସନ ଓ ଅର୍ଥ)

ମୁଦ୍ରାକର: **ଜ୍ୟୋତିଗ୍ରାଫିକ୍ସ,** ଫୋନ: ୦୬୭୪–୨୫୪୪୨୦୯

## ଫଟୋ ଫିଚର


ପରିମାଣ ଅନୁସାରେ ବିକ୍ରି କରନ୍ତୁ ନାହିଁ.........


...........ଓଜନ ଅନୁସାରେ ବିକ୍ରି କରନ୍ତୁ

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସହାୟତାପ୍ରାପ୍ତ କୋରାପୁଟ ଜେଲ୍ଲା ପରିଚାଳନା କେନ୍ଦ୍ରର ବୋଇପାରି ବନ ସଂରକ୍ଷଣ ସମିତିକୁ ଏହାର ଶ୍ରେୟ ଯାଉଛି ।